# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 October - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଲାଗି ୭୫ଟି ବତୀଘରକୁ ବିକଶିତ କରାଯାଉଛି, କହିଲେ କେନ୍ଦ୍ରମନ୍ତ୍ରୀ ସୁରେଶ ଗୋପୀ

- ଶହୀଦ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆସନ୍ତାମାସ ୧୫ ତାରିଖରେ ଆରମ୍ଭ କରିବେ ରାଜ୍ୟ ସରକାର

- ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୩ କୋଟି ୫୦ଲକ୍ଷ ଲୋକଙ୍କୁ ଯୋଗାଇଦିଆଯିବ ସ୍ୱାସ୍ଥ୍ୟସେବା

ଏବଂ

- ଆଣ୍ଡାମାନ ସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ସୋମବାର ଦିନ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ନେଇ ପାଣିପାଗ ବିଭାଗର ସୂଚନା

*Puri*

# ବତୀଘର ମହୋତ୍ସବ

ଦେଶରେ ଥିବା ୭୫ଟି ବତୀଘରକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯାଉଥିବା କେନ୍ଦ୍ର ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି । ଆଜି ପୁରୀରେ ପ୍ରଥମଥର ପାଇଁ ଆୟୋଜିତ ଦ୍ୱିତୀୟ ଜାତୀୟ ବତୀଘର ମହୋତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗୋପୀ କହିଛନ୍ତି ଦେଶରେ ୨୦୩ଟି ବତୀଘର ରହିଛି । ସେଗୁଡ଼ିକ ମଧ୍ୟରୁ ୧୩ଟି ବତୀଘରରେ ଲିଫ୍ଟ ବ୍ୟବସ୍ଥା କରାଯିବ । ଅନୁଷ୍ଠିତ ଉତ୍ସବରେ ପରିବହନ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବତୀଘରର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ ।

ସୂଚନା ଅନୁଯାୟୀ ଭାରତମାଳା ପ୍ରକଳ୍ପରେ ସମଗ୍ର ଦେଶରେ ପର୍ଯ୍ୟଟନର ବିକାଶକୁ ଦୃଷ୍ଟିରେ ରଖି ୭୫ଟି ବତୀଘରରେ ହୋଟେଲ୍, ରେଷ୍ଟୋରାଁ, ପାର୍କ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଲାଗି ବ୍ୟବସ୍ଥା କରାଯାଉଛି । ଏଥିସହିତ ବେଳାଭୂମି କ୍ରୀଡ଼ାର ମଧ୍ୟ ବିକାଶ କରାଯାଉଛି। ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି ୨୦୩୨ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସହ ଜଡ଼ିତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମିର ବିକାଶ କରାଯାଉଛି ।

# ଜାତୀୟ ଜଳପଥ ସଂଯୋଗ

କୋଇଲା ନଗରୀ ତାଳଚେର ସହ ଧାମରା ଓ ପରାଦୀପ ବନ୍ଦରକୁ ଜଳପଥରେ ସଂଯୋଗ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ କହିଛନ୍ତି । ଉତ୍କଳ ଚାମ୍ବର ଅଫ୍ କମର୍ସ ଦ୍ୱାରା ଆୟୋଜିତ ଅନ୍ତର୍ଦେଶୀୟ ଜଳପଥରେ ସବୁଜ ଜ୍ଞାନକୌଶଳର ବ୍ୟବହାର ସଂପର୍କିତ ଦୁଇଦିନିଆ କର୍ମଶାଳାରେ ଯୋଗଦେଇ ଶ୍ରୀମତୀ ପାଢ଼ୀ ଏହା କହିଛନ୍ତି । ୫ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଏହି କାର୍ଯ୍ୟ ପ୍ରାରମ୍ଭିକ ସ୍ତରରେ ରହିଛି ଓ କେନ୍ଦ୍ର ସରକାରଙ୍କ ଇନ୍‌ଲ୍ୟାଣ୍ଡ୍ ୱାଟର ଅଥରିଟି ଅଫ୍ ଇଣ୍ଡିଆ ଓ ରାଜ୍ୟ ସରକାର ମିଳିତ ଭାବେ ଏହି କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ଏହାଦ୍ୱାରା ଜଳପଥରେ ଦକ୍ଷ ଉପାୟରେ ଏକକାଳୀନ ଅଧିକ ଦ୍ରବ୍ୟ ପରିବହନ ହୋଇପାରିବ ।

ସୂଚନା ଅନୁଯାୟୀ ବ୍ରାହ୍ମଣୀ ନଦୀରେ ଜାତୀୟ ଜଳପଥ ପାଇଁ ଆଇ.ଆଇ.ଟି ମାଡ୍ରାସ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି । ୫ ନମ୍ବର ଜାତୀୟ ଜଳପଥର ପ୍ରଥମ ପର୍ଯ୍ୟାୟର ତାଳଚେରରୁ ମଙ୍ଗଳଗଡ଼ି ଦେଇ ଧାମରା ଓ ଧାମରାରୁ ପାରାଦୀପକୁ ସଂଯୋଗ ସ୍ଥାପନ କରାଯିବ । ପରବର୍ତ୍ତୀ ସମୟରେ ଧାମରାରୁ ହଳଦିଆକୁ ଯୋଡ଼ାଯିବ ।

## ମୁଖ୍ୟମନ୍ତ୍ରୀ-ବିର୍ଲା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲାଙ୍କ ସହ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ମୁମ୍ବାଇଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ଶ୍ରୀ ବିର୍ଲାଙ୍କ ସହ ଆଲୋଚନା ସଫଳ ହୋଇଛି । ଓଡ଼ିଶାର ଉନ୍ନତି ଓ ବିକାଶ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପ୍ ସହଯୋଗ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

***Desk***

## ଜନଜାତୀୟ ଗୌରବ ଦିବସ

ରାଜ୍ୟସରକାର ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଛନ୍ତି । ଆସନ୍ତା ମାସ ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନାରେ ଅନୁସୂଚିତ ଜନଜାତି ବର୍ଗର ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ୫ହଜାର ଟଙ୍କା ଲେଖାଏଁ ଦେବାପାଇଁ ସରକାର କାର୍ଯ୍ୟଖସଡା ପ୍ରସ୍ତୁତ କରୁଛନ୍ତି । ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଏବଂ +୨ ବିଦ୍ୟାଳୟର ଅଧ୍ୟକ୍ଷମାନେ ଅନୁଦାନ ପାଇବା ପାଇଁ ଯୋଗ୍ୟ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କର ତାଲିକା ଆସନ୍ତା ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ

ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଅଷ୍ଟମ ଓ ଦଶମ ଶ୍ରେଣୀ ପରେ ବହୁ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ପାଠପଢ଼ା ଛାଡୁଥିବାରୁ ଶହୀଦ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ପାଠପଢ଼ା ଜାରି ରଖିବା ଲାଗି ଅର୍ଥ ଯୋଗାଇ ଦିଆଯିବ । କେବଳ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥି ନିମନ୍ତେ ଯୋଗ୍ୟ ବିବେଚିତ ହେବେ ବୋଲି ସଚିବ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

## ଶ୍ରୀମନ୍ଦିର-ଓମ୍‌ଫେଡ୍ ପ୍ରସ୍ତୁତ ଘିଅ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଚାହିଦା ଅନୁସାରେ ଘିଅ ଯୋଗାଇଦେବାକୁ ଓମ୍‌ଫେଡ ପ୍ରସ୍ତୁତ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମ୍ରିତ କୁଲାଙ୍ଗେ କହିଛନ୍ତି ଶ୍ରୀମନ୍ଦିରରେ ଶୁଦ୍ଧ ଦେଶୀ ଘିଅରେ ମହାପ୍ରସାଦ ରାନ୍ଧିବା ଏବଂ ଦୀପ ଜାଳିବା ପାଇଁ ବିଭିନ୍ନ ସ୍ତରରେ ମତପ୍ରକାଶ ପାଉଥିବା ପରିପ୍ରେକ୍ଷୀରେ ଓମ୍‌ଫେଡ ତରଫରୁ କୁହାଯାଇଛି ।

***Desk***

## ଆୟୁଷ୍ମାନ ଭାରତ ଯୋଜନା

ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଆୟୁଷ୍ମାନ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩କୋଟି ୫୦ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ସାମିଲ କରାଯିବ । ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ୭୦ବର୍ଷରୁ

ଊର୍ଦ୍ଧ୍ୱ ବୟସ୍କ ଲୋକମାନେ ମଧ୍ୟ ଲାଭାନ୍ୱିତ ହେବେ । କାର୍ଡଧାରୀମାନେ କେନ୍ଦ୍ର ସରକାରଙ୍କ ସହ ଅନୁମୋଦିତ ଦେଶର ୨୭ହଜାର ହସ୍ପିଟାଲରୁ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ ।

## ଲୋକକଳା ମହୋତ୍ସବ

ଢେଙ୍କାନାଳ ଜିଲ୍ଲା ସ୍ତରୀୟ ଲୋକକଳା ମହୋତ୍ସବ ଆଜି ସହରର ମହିଷାପାଟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର କଳାକାରମାନେ ଏଥିରେ ଭାଗ ନେବା ସହ ପାରମ୍ପରିକ ନୃତ୍ୟ, ଗୀତ ପରିବେଷଣ କରୁଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ପାଖାପାଖି ୧ ହଜାର କଳାକାର ଏଥିରେ ଯୋଗ ଦେଇଛନ୍ତି ।

# ଟ୍ରକରେ ଲାଗିବ ଭିଏଲ୍‌ଟିଡି

ମଣ୍ଡିରେ ଧାନ ଲୋଡିଂ ଏବଂ ମିଲ୍‌ରେ ଧାନ ଅନ୍‌ଲୋଡିଂକୁ ସୁଚାରୁରୂପେ କରିବା ପାଇଁ ଧାନ ପରିବହନରେ ନିୟୋଜିତ ପ୍ରତ୍ୟେକ ଟ୍ରକ୍‌ରେ ଭେଇକିଲ ଲୋକେସନ ଟ୍ରାକିଂ ଡିଭାଇସ୍ ଭି.ଏଲ୍.ଟି.ଡି ଲଗାଯିବ । ଆସନ୍ତା ନଭେମ୍ବର ମାସ ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ଟ୍ରକ୍‌ରେ ଭିଏଲ୍‌ଟିଡି ଲଗାଇବାକୁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ ରାଜ୍ୟ ସରକାର ୮୬ଲକ୍ଷ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ନଭେମ୍ବର ମାସ ଶେଷ ସପ୍ତାହ ଆଡକୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ।

## କାର୍ଯ୍ୟାନୁଷ୍ଠାନ

ପୁରୀ ଶ୍ରୀମନ୍ଦିରର ବରିଷ୍ଠ ସୁପରଭାଇଜର ବଳ୍ପି ପ୍ରତିହାରୀଙ୍କ ଉପରେ ଆକ୍ରମଣ ଘଟଣାରେ ପଙ୍କ୍ତିବଢୁ ସେବକ ଚନ୍ଦନ ସାମନ୍ତରାଙ୍କୁ ସେବାପୂଜା କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ଧାରା ୨୧ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ନିଲମ୍ବନ ପରେ ଶ୍ରୀମନ୍ଦିର ପରିସର ଓ ରୋଷଘରକୁ ଶ୍ରୀସାମନ୍ତରାଙ୍କୁ ପ୍ରବେଶ ନେଇ ବାରଣ କରାଯାଇଛି । ଆକ୍ରମଣ ଘଟଣାରେ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ।

## ବିଧାୟକ ବିୟୋଗ

କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡ଼ାଙ୍କର ଆଜି ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ଓ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ୨୦୦୪ ମସିହାରେ ଓଡ଼ିଶା ଗଣପରିଷଦ ଟିକେଟ୍‌ରୁ ସେ କେନ୍ଦ୍ରାପଡ଼ାର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ

ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ମାଣ୍ଡିଆରାଣୀ-ଡକ୍ଟରେଟ୍

ମାଣ୍ଡିଆ ରାଣୀ ଭାବେ ଜଣାଶୁଣା କୋରାପୁଟର ଆଦିବାସୀ ମହିଳା ଚାଷୀ ରାଇମତୀ ଘିଉରିଆଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ-ଓ.ୟୁ.ଏ.ଟି. ପକ୍ଷରୁ ତାଙ୍କୁ ଏହି ସମ୍ମାନ ଦିଆଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତ ଅବସରରେ ଆସିନ୍ତା ୨୪ ତାରିଖରେ ଶ୍ରୀମତୀ ଘିଉରିଆଙ୍କୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରିବେ ।

ସୂଚନାଯୋଗ୍ୟ ରାଇମତୀ, କୁନ୍ଦୁରା ବ୍ଲକର ଲିମା ପଞ୍ଚାୟତରେ ୨୫୦ରୁ ଅଧିକ ମାଣ୍ଡିଆର ବିଭିନ୍ନ କିଷମ ବିହନ ସଂଗ୍ରହ କରି ସଂରକ୍ଷଣ କରିବା ସହ ପାରମ୍ପରିକ ରୀତିରେ ଚାଷ କରିବା ନେଇ ସଚେତନତା ସୃଷ୍ଟି କରିଛନ୍ତି ।

## ଗଜଲକ୍ଷ୍ମୀ ପୂଜା

ଚୌଦ୍ୱାରରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଆଜି ୪୩ଟି ମେଢ଼ ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିବେ । ବିଭିନ୍ନ ପୂଜାକମିଟି ପକ୍ଷରୁ ସାହି ପରିକ୍ରମା ଚାଲିଛି । ମେଳଣ ପଡ଼ିଆରେ ଏବଂ ସାହି ପରିକ୍ରମା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କମିଶନରେଟ୍ ପୋଲିସ୍ ପକ୍ଷରୁ ସାଦା ପୋଷାକଧାରୀ ପୋଲିସ୍ ସମେତ ଅନ୍ୟ ସୁରକ୍ଷା କର୍ମଚାରୀମାନଙ୍କୁ

ମୁତୟନ କରାଯାଇଛି । ମେଳଣ ପଡ଼ିଆରେ ୭ଶହରୁ ଅଧିକ ଷ୍ଟଲ୍ ଖୋଲାଯାଇଥିବା ସୂଚନା ମିଳିଛି ।

## ଏକତା ଦିବସ

ଭଦ୍ରକ ଜିଲ୍ଲା ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଭାରତ ଶ୍ରେଷ୍ଠ ଭାରତ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ୧୦ଟି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ଆୟୋଜିତ କଳା ଉତ୍ସବ ସମାରୋହକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍‌ଘାଟନ କରିଥିଲେ । ମହାରାଷ୍ଟ୍ର ସହ ସଂପର୍କିତ କଳା, ସଂସ୍କୃତି, ସାହିତ୍ୟ, ଲୋକକଳା, ଲୋକନୃତ୍ୟ ଓ ପରମ୍ପରାକୁ ଆପଣାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଓଡ଼ିଶା ଓ ମହାରାଷ୍ଟ୍ରର ଲୋକକଳା ଓ ଭାସ୍କର୍ଯ୍ୟ ସଂପର୍କିତ ପ୍ରଦର୍ଶନୀରେ ଭାଗ ନେଇଥିଲେ ।

## କଇଁଫୁଲ ଯାତ୍ରା

ସୁବର୍ଣ୍ଣପୁରରେ ଆଜି କଇଁଫୁଲ ଯାତ୍ରା  ଅନୁଷ୍ଠିତ ହୋଇଛି । କଇଁଫୁଲ ଠାକୁରାଣୀ ପୀଠରେ ଦେବୀଙ୍କୁ ପ୍ରାଚୀନ  ଧୁନ୍‌କେଲ୍ ବାଜଣା ଓ ଗୀତରେ ଆବାହନ କରାଯାଇ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଯାତ୍ରାସ୍ଥଳୀକୁ ନିଆଯାଇଥିଲା । ସେଠାରେ କଇଁଫୁଲରେ ସଜିତ ଦୋଳିରେ ଦେବୀଙ୍କୁ ଝୁଲଣ କରାଯାଇଛି । ଶୀତଳା ଦେବୀଙ୍କ ପୂଜା ସହ ବରୁଆମାନେ କଇଁଫୁଲ ଦୋଳିରେ ନୃତ୍ୟ କରିଥିଲେ ।

# ପାଣିପାଗ

କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟର ପ୍ରଭାବରେ ୨୧ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଲଘୁଚାପ କ୍ଷେତ୍ରଟି ଉତ୍ତର-ପଶ୍ଚିମ ଦିଗକୁ ଗତିକରି ୨୩ ତାରିଖ ବେଳକୁ ଅବପାତରେ ପରିଣତ ହୋଇପାରେ । ଏହା ଯୋଗୁଁ ବଙ୍ଗୋସାଗର ଅଶାନ୍ତ ରହିବା ସହ ପବନର ବେଗ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ୨୩ ତାରିଖ ବେଳକୁ ପବନର ବେଗ ୪୫ରୁ ୫୫ କିଲୋମିଟର ରହିପାରେ । ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ମତ୍ସ୍ୟଜୀବୀମାନଙ୍କୁ ୨୨ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବଙ୍ଗୋପସାଗରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀମାନଙ୍କୁ ଫେରିଆସିବା ଲାଗି କୁହାଯାଇଛି ।